नालको NALCO

# ପ୍ରେସ୍ ଇସ୍ତାହାର

## <u>ନାଲକୋ ପାଇଲା ଏଫ୍.ଆଇ.ଇ.ଓ. ନିର୍ଯ୍ୟାତ୍ଶ୍ରୀ ପୁରସ୍କାର</u>

**ଭୁବନେଶ୍ୱର, ୧୬.୧୨.୦୮:** ନ୍ୟାସନାଲ ଆଲୁମିନିୟମ କଂପାନୀ (ନାଲକୋ) ୨୦୦୫-୦୬ ବର୍ଷରେ ରପ୍ତାନୀ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଫେଡେରେସନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନ୍ ଦ୍ୱାରା ପ୍ରତିଷ୍ଠିତ ସମ୍ମାନଜନକ **ନିର୍ଯ୍ୟାତ୍ଶ୍ରୀ ପୁରସ୍କାର** ଲାଭ କରିଛି। ଏହି ପୁରସ୍କାର, ନାଲକୋର ଅଧ୍ୟକ୍ଷ ଶ୍ରୀ ସି.ଆର. ପ୍ରଧାନ, ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ଦେବୀସିଂ ପାଟିଲଙ୍କ ଉପସ୍ଥିତିରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ଶଂକର ସିଂ ବାଘେଲାଙ୍କଠାରୁ ଆଜି ନୂଆ ଦିଲ୍ଲୀ ଠାରେ ଗ୍ରହଣ କରିଛନ୍ତି।

ଗତ ୨୦୦୫-୦୬ ଆର୍ଥିକ ବର୍ଷରେ ନାଲକୋ ୮.୬୨ ଲକ୍ଷ ଟନ୍ ଆଲୁମିନା ଏବଂ ୯୫,୭୪୭ ଟନ୍ ଆଲୁମିନିୟମ ରପ୍ତାନୀ କରି, ୨୩୦୬.୨୦ କୋଟି ଟଙ୍କା ବୈଦେଶିକ ପୁଞ୍ଜି ଲାଭ କରିଥିଲା। ପୂର୍ବ ବର୍ଷ ଏହି ପରିମାଣ ଥିଲା ୨୨୦୦.୨୫ କୋଟି ଟଙ୍କା।

୨୦୦୬-୦୭ ଆର୍ଥିକ ବର୍ଷରେ ମଧ୍ୟ ନାଲକୋ ରପ୍ତାନୀ କ୍ଷେତ୍ରରେ ଆଶାଜନକ ସଫଳତା ଲାଭ କରିଥିଲା। ଏହି ବର୍ଷ କଂପାନୀ ୨୫୮୫ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଉପାର୍ଜନ କରିଥିଲା।

ପ୍ରଥମ ପ୍ରର୍ଯ୍ୟାୟ ସଂପ୍ରସାରଣ ପରେ କଂପାନୀ କ୍ରମାନୁଗତ ଭାବେ ରପ୍ତାନୀ ବୃଦ୍ଧି କରୁଥିବା ବେଳେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ବସିଛି। ଏଥି ପାଇଁ ୫୧୦୦ କୋଟି ଟଙ୍କାର ବ୍ୟୟ ନିର୍ଦ୍ଧାରଣ କରାଯାଇଛି। ଏହି ସଂପ୍ରସାରଣ ଯୋଗୁଁ କଂପାନୀର ରପ୍ତାନୀ ବ୍ୟବସାୟ ବୃଦ୍ଧି ପାଇବ।

---

Issued by Corporate Communication Department, Ph: 0674 – 2300680, Fax: 2301290
www.nalcoindia.com